ଭାରତୀୟ ଜନତା ପାର୍ଟି, ଓଡିଶା

ଶ୍ରୀକ୍ଷେତ୍ର ପୁରୀ ରଣ କ୍ଷେତ୍ରରେ ପରିଣତ ହେବା ପ୍ରସଙ୍ଗରେ

# ରାଜ୍ୟସରକାରଙ୍କ ଅପାରଗତା ଏବଂ ସ୍ୱେଚ୍ଛାଚାରୀ ତୋଗଲକୀ ମନୋବୃତି ଏଭଳି ଘଟଣା ପାଇଁ ଦାୟୀ : ବିଜେପି

- **ଧାଡି ଦର୍ଶନ ଜଗନ୍ନାଥଙ୍କର ପରମ୍ପରା ନୁହେଁ**
- **ଜଗନ୍ନାଥଙ୍କର ଧାଡି ଦର୍ଶନ ବ୍ୟବସ୍ଥା ତର୍ଜମା କଲା ପରେ ବ୍ୟବସ୍ଥା ଲାଗୁ କରିବା କଥା**
- **ଯିଏ ଜଗନ୍ନାଥଙ୍କ ସଂସ୍କୃତି ଏବଂ ପରମ୍ପରାକୁ ରକ୍ଷା କରିପାରୁନାହିଁ, ସେ ରାଜ୍ୟକୁ କିପରି ଶାସନ ଦେବେ ତାହା ଏକ ବିରାଟ ପ୍ରଶ୍ନବାଚୀ**

**ଭୁବନେଶ୍ୱର, ତା.୦୩/୧୦:** ଭାରତୀୟ ସମାଜର ଆରାଧ୍ୟ ଦେବତା ତଥା ଓଡିଶାର ସର୍ବପୂଜ୍ୟ ଜଗନ୍ନାଥଙ୍କ ସଂସ୍କୃତି ଏବଂ ପରମ୍ପରା ସମଗ୍ର ଦେଶରେ ଥିବା ଦେବାଦେବୀଙ୍କଠାରୁ ଭିନ୍ନ ଏବଂ ଅନନ୍ୟ । ଆଜି ଶ୍ରୀକ୍ଷେତ୍ର ପୁରୀକୁ ରଣ କ୍ଷେତ୍ରରେ ପରିଣତ କରି ଦିଆଯାଇଛି । ରାଜ୍ୟସରକାରଙ୍କ ଅପାରଗତା ଏବଂ ସ୍ୱେଚ୍ଛାଚାରୀ ତୋଗଲକୀ ମନୋବୃତି ଏଭଳି ଘଟଣା ପାଇଁ ଦାୟୀ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ବିଜେପି ସାଧାରଣ ସଂପାଦକ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ।

ପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ନବକଳେବର, ବ୍ରହ୍ମ ବିଭ୍ରାଟ ଓ ନିଳାଦ୍ରୀବିଜେ ଅଘଟଣରେ ରାଜ୍ୟ ସରକାର ନିଜର ତୋଗଲକୀ ଶାସନର ନମୂନା ଦେଖାଇବାକୁ ଯାଇ ବାରମ୍ବାର ଜଗନ୍ନାଥ ପ୍ରେମୀ ଓ ଭକ୍ତମାନଙ୍କୁ ଅପମାନିତ କରିଚାଲିଛନ୍ତି । ଏ ସମସ୍ତ ଘଟଣାର ପ୍ରତିଫଳନ ଆଜି ପୁରୀରେ ଦେଖିବାକୁ ମିଳିଛି । ରାଜ୍ୟସରକାରଙ୍କ ପ୍ରତ୍ୟକ୍ଷ ପ୍ରରୋଚନାରେ ଏ ସମସ୍ତ ଘଟଣା ଘଟିଥିବା କାରଣରୁ ଏହାର ତଦନ୍ତ ସମ୍ଭବ ହେଲା ନାହିଁ ବୋଲି ଶ୍ରୀ ହରିଚନ୍ଦନ ଅଭିଯୋଗ କରିଛନ୍ତି ।

ସେହିପରି ଅନେକ ସମାଲୋଚନା ଏବଂ ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଶ୍ରୀ ଜଗନ୍ନାଥ ରତ୍ନଭଣ୍ଡାର ଖୋଲାଯିବାର ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଏହି ସମୟରେ ରତ୍ନ ଭଣ୍ଡାରର ଚାବି ହଜି ଯାଇଥିବା ପ୍ରକାଶ କରାଗଲା । ଚାବି ନାହିଁ ବୋଲି ରାଜ୍ୟସରକାର ପୂର୍ବରୁ ଜାଣି ମଧ୍ୟ ଏକଥାକୁ ଲୁଚାଇ ରଖିଥିଲେ । ଜଗନ୍ନାଥ ପ୍ରେମୀ ତଥା ସମଗ୍ର ଓଡିଶା ବାସୀଙ୍କୁ ବିଭ୍ରାନ୍ତି କରାଇବା ପାଇଁ ପୁରୀ ଜିଲ୍ଲାପାଳ ଏବଂ ଶ୍ରୀମନ୍ଦିର ପ୍ରଶାସକ ଏକ "ମେଲୋ ଡ୍ରାମା" ରଚନା କରିଥିଲେ । ଏହା ଶ୍ରୀମନ୍ଦିର ସଂସ୍କୃତି ଏବଂ ପରମ୍ପରା ପ୍ରତି ଘୋର ଅପମାନ । ଏହା ଉପରେ ରାଜ୍ୟସରକାର କିଛି ନକହିବା ତଥା ଓଡିଶାବାସୀଙ୍କ ଆଗରେ ତଥ୍ୟ ନରଖିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଘଟଣା ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି ।

ଧାଡି ଦର୍ଶନ ଜଗନ୍ନାଥଙ୍କର ପରମ୍ପରା ନୁହେଁ । ଜଗନ୍ନାଥଙ୍କର ଧାଡି ଦର୍ଶନ ବ୍ୟବସ୍ଥା ତର୍ଜମା କଲା ପରେ ବ୍ୟବସ୍ଥା ଲାଗୁ କରିବା କଥା । କିନ୍ତୁ ତାହା ନକରି ମନଇଚ୍ଛା କାମ କରିବା ହେଉଛି ତୋଗଲକୀ ଶାସନର ନମୂନା । ଧାଡି ଦର୍ଶନକୁ ବିରୋଧ କରି ଆଜି ପୁରୀରେ ଆନ୍ଦୋଳନ ହୋଇଛି । କିନ୍ତୁ ଗୃହ ବିଭାଗର ମୁଖ୍ୟ ହୋଇ ମୁଖ୍ୟମନ୍ତ୍ରୀ ପୋଲିସକୁ ଲଗାଇ ଏହାକୁ ବିରୋଧ କରି ଯେମିତି ଦମନ କରିବାର ଚେଷ୍ଟା କରିଛନ୍ତି, ଏଥିରୁ ସ୍ପଷ୍ଟ ହେଉଛି ରାଜ୍ୟସରକାର ନିଜର ସ୍ୱଚ୍ଛାଚାରୀ ନିଷ୍ପତି ନେଇ କାର୍ଯ୍ୟ କରୁଛନ୍ତି । ଯିଏ ଜଗନ୍ନାଥଙ୍କ ସଂସ୍କୃତି ଏବଂ ପରମ୍ପରାକୁ ରକ୍ଷା କରିପାରୁନାହିଁ ସେ ରାଜ୍ୟକୁ କିପରି ଶାସନ ଦେବେ ତାହା ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି ।

ଗତ କିଛିଦିନ ତଳେ ପୁରୀରେ ସାମ୍ବାଦିକ ଓ ସାଧାରଣ ଲୋକଙ୍କୁ ପୋଲିସ ମାଡ ମାରିଥିବା ଘଟଣାରୁ ସ୍ପଷ୍ଟ ହେଉଛି ମୁଖ୍ୟମନ୍ତ୍ରୀଙ୍କ ଅଧୀନରେ ପ୍ରଶାସନ ନାହିଁ ଏବଂ ଆଜି ଯେଉଁଳି ପୁରୀରେ ସାଧାରଣ ଲୋକଙ୍କ ଉପରେ ପୋଲିସ ଆକ୍ରମଣ କଲା ଏହା ଅତ୍ୟନ୍ତ ନିନ୍ଦନୀୟ ଘଟଣା । ଏଥିପାଇଁ ମୁଖ୍ୟମନ୍ତ୍ରୀ ଓଡିଶାବାସୀଙ୍କ ନିକଟରେ ନିସର୍ତ୍ତଃ କ୍ଷମା ପାର୍ଥନା କରିବା ସହ ଆଗାମୀ ଦିନରେ ଯେପରି ଏଭଳି ଘଟଣା ନଘଟିବ ସେଥିପାଇଁ ମୁଖ୍ୟମନ୍ତ୍ରୀ ଲିଖିତ ପ୍ରତିଶୃତି ଦିଅନ୍ତୁ ବୋଲି ଶ୍ରୀ ହରିଚନ୍ଦନ ଦାବି କରିଛନ୍ତି ।

ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ଶ୍ରୀ ଗୋଲକ ମହାପାତ୍ର ଉପସ୍ଥିତ ଥିଲେ ।

**(ବିଜେପି ମିଡିଆ ସେଲ୍)**